ଓଡିଶା ସରକାର

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

*ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଆବେଦନ*

ଏତଦ୍‌ଦ୍ୱାରା ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ କରୁଥିବା ସଂଖ୍ୟାଲଘୁ (ମୁସଲିମ୍,ଖ୍ରୀଷ୍ଟିୟାନ,ବୌଦ୍ଧ,ଶିଖ,ପାର୍ସି, ଜୈନ) ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭାରତ ସରକାରଙ୍କ ସଂଖ୍ୟାଲଘୁ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ପ୍ରାକ୍-ମାଟ୍ରିକ (Pre-Matric),ମାଟ୍ରିକ-ପରବର୍ତ୍ତୀ (Post-Matric) ଓ ମେଧା-ତଥା-ସମ୍ବଳଭିତ୍ତିକ (Merit-cum-Means) ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଚଳିତ ଶିକ୍ଷା ବର୍ଷ ୨୦୧୮-୧୯ ନିମନ୍ତେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କଠାରୁ ଅନ୍-ଲାଇନ୍ ଦରଖାସ୍ତ/ଆବେଦନ ପତ୍ର ଭାରତ ସରକାରଙ୍କ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ (National Scholarship Portal) ଯଥା:- www.scholarships.gov.in ମାଧ୍ୟମରେ ଗ୍ରହଣ କରାଯାଉଅଛି ।

ଜାତୀୟ ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ, ଛାତ୍ରଛାତ୍ରୀମାନେ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲରେ ନିଜର ନାମ ପଞ୍ଜୀକରଣ ଓ ଦାଖଲ କରାଇବେ । ଉପରୋକ୍ତ ଛାତ୍ରବୃତ୍ତିଗୁଡିକର ଅନ୍-ଲାଇନ୍ ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ୩୦.୦୯.୨୦୧୮ କୁ ଧାର୍ଯ୍ୟ କରାଯାଇଅଛି।

**ବିଶେଷ ଦ୍ରଷ୍ଟବ୍ୟ :-**

ଛାତ୍ରବୃତ୍ତି ପାଇବା ପାଇଁ ଆବଶ୍ୟକ ଯୋଗ୍ୟତା :-

କ) ସେ ଓଡିଶାର ସ୍ଥାୟୀ ଅଧିବାସୀ ହୋଇଥିବେ ।

ଖ ) ସମସ୍ତ ଉତ୍ସରୁ ତାଙ୍କ ପରିବାରର ବାର୍ଷିକ ଆୟ

- ପ୍ରାକ-ମାଟ୍ରିକ ଛାତ୍ରବୃତ୍ତି ପାଇଁ ଟ ୧,୦୦,୦୦୦/- (ଏକ ଲକ୍ଷ )ରୁ ଅଧିକ ହୋଇନଥିବ ।
- ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଟ ୨,୦୦,୦୦୦ /- (ଦୁଇ ଲକ୍ଷ)ରୁ ଅଧିକ ହୋଇନଥିବ ।
- ମେଧା ଓ ସମ୍ବଳ ଭିତ୍ତିକ ଛାତ୍ରବୃତ୍ତି ପାଇଁ ଟ ୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର)ରୁ ଅଧିକ ହୋଇନଥିବ ।

ଗ) ପୂର୍ବ ବାର୍ଷିକ ପରୀକ୍ଷାରେ ଅତି କମ୍‌ରେ ଶତକଡା ୫୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।

**ଆବଶ୍ୟକୀୟ ଦସ୍ତାବିଜ (document)**

- National Scholarship Portal ରେ ମିଳୁଥିବା ମାର୍ଗଦର୍ଶିକା (guideline) କୁ ଅନୁଧ୍ୟାନ କରି ଆବଶ୍ୟକୀୟ ତଥ୍ୟ ଦରଖାସ୍ତରେ ଉଲ୍ଲେଖ କରିବେ ।
- ଆବେଦନକାରୀମାନେ ନିଜ ନିଜର ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର, IFSC Code, ଶାଖା ନାମ ଇତ୍ୟାଦି NSP ପୋର୍ଟାଲର ନିର୍ଦ୍ଧାରିତ box ରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବନ୍ଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉତ୍ତରଦାୟୀ ରହିବେ ।
- ଯେହେତୁ ଭାରତ ସରକାର ଆଧାର ନମ୍ବର ସଂଯୋଗୀକରଣକୁ ଛାତ୍ର ବୃତ୍ତି ପ୍ରଦାନ ନିମନ୍ତେ ପ୍ରାଧାନ୍ୟ ଦେଉଛନ୍ତି, ହୁଏତ କେବଳ ଆଧାରଯୁକ୍ତ ଦରଖାସ୍ତଗୁଡିକ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ବିଚାର କରିବାପାଇଁ ନିର୍ଦ୍ଦେଶ ପ୍ରଦାନ କରିପାରନ୍ତି, ତେଣୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆଧାର ନମ୍ବର ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି । ଯେଉଁମାନଙ୍କର ଆଧାର ନମ୍ବର ନାହିଁ, ସେମାନେ ଯଥାଶୀଘ୍ର ଆଧାର ପାଇଁ ପଞ୍ଜୀକରଣ କରି ଅନ୍-ଲାଇନ୍ ପୋର୍ଟାଲରେ ନମ୍ବର ପ୍ରଦାନ କରିବେ।
- ଛାତ୍ରଛାତ୍ରୀମାନେ online ଦରଖାସ୍ତ ଆବେଦନ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା e-Mail id-dirobc@gmail.com ଏବଂ ଟେଲିଫୋନ୍ ନମ୍ବର-୦୬୭୪-୨୫୩୨୩୫୨ ରେ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ ,

ଅନ୍ୟାନ୍ୟ ପଛୁଆବର୍ଗ

Scanned by CamScanner